**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**12 August– 2026**

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

## ରାଜସ୍ୱ ବୈଠକ-ମୁଖ୍ୟମନ୍ତ୍ରୀ

ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଏବଂ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି ଅର୍ଥ ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଏଭଳି ପଦକ୍ଷେପ ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ଗତ ଜୁଲାଇମାସ ସୁଦ୍ଧା ଚଳିତବର୍ଷର ରାଜସ୍ୱ ଆଦାୟ ୬୧ ହଜାର ୫୩୩ କୋଟି ଟଙ୍କା ହୋଇଛି । ଗତ ଆର୍ଥିକବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭ ଦଶମିକ ୩ ପ୍ରତିଶତ ଅଧିକ ବୋଲି ବୈଠକରୁ ଜଣାପଡ଼ିଛି ।

## ପ୍ରଧାନମନ୍ତ୍ରୀ ଆବାସ -ମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ରାଜ୍ୟରେ ଏବେ କ୍ଷେତ୍ରସ୍ତରୀୟ ଯାଞ୍ଚ ପ୍ରକ୍ରିୟା ଚାଲିଛି । ଆସନ୍ତା ୨୭ ତାରିଖ ସୁଦ୍ଧା ଏହା ଶେଷ କରିବା ନେଇ ସମୟସୀମା ଧାର୍ଯ୍ୟ ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ମନ୍ତ୍ରୀ ଶ୍ରୀ ନାୟକ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ଶିବରାଜ ସିଂଙ୍କ ସହ ଏ ସଂପର୍କରେ ସାକ୍ଷାତ ଆଲୋଚନା କରିଛନ୍ତି । ଶ୍ରୀ ନାୟକ କହିଛନ୍ତି, ଆସନ୍ତା ମାସରେ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟ ଆବାସ ବଣ୍ଟନ କାର୍ଯ୍ୟ କରାଯିବ ।

**V/O**

---

## ଯୋଗାଣମନ୍ତ୍ରୀଙ୍କ ଆଲୋଚନା

ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ସୁଦୃଢ଼ୀକରଣ, ଖାଦ୍ୟସଶ୍ୟ ପରିଚାଳନା, ଗୋଦାମଗୃହ ଏବଂ ସାଧାରଣ ବଣ୍ଟନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଆଲୋଚନା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ହିତାଧିକାରୀଙ୍କ ସ୍ୱାର୍ଥରକ୍ଷା ନେଇ ଉଭୟ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।

---

# ମୁଖ୍ୟ ଶାସନ ସଚିବ-ବୈଠକ

ମାନକୀକରଣ ଉପରେ ଆଧାରିତ ତୃତୀୟ ରାଜ୍ୟସ୍ତରୀୟ କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର ଏବଂ ଭାରତୀୟ ମାନକ ବ୍ୟୁରୋର ମିଳିତ ପ୍ରୟାସରେ ବିଭିନ୍ନ କ୍ଷେତ୍ରରେ ମାନକୀକରଣ, ଗୁଣବତ୍ତା ଏବଂ ଉପଭୋକ୍ତା ସୁରକ୍ଷା ସୁଦୃଢ଼ କରିବା ନେଇ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଛି ।

---

## ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

---

# ଚିତାଲାଗି

ନବରଙ୍ଗପୁର ଜିଲ୍ଲାରେ ଚିତାଲାଗି ଅମାବାସ୍ୟା ପାଳନ ଅବସରରେ ଆଜି ଘରେଘରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । କୃଷିବର୍ଷ ଆରମ୍ଭର ପ୍ରଥମ ପର୍ବ ରୂପେ ବିବେଚିତ ଏହି ପର୍ବ ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ପାଳନ କରାଯାଇଥାଏ । ଏହି ଅବସରରେ ଜଙ୍ଗଲରୁ

ସଂଗୃହୀତ ବିଭିନ୍ନ ଔଷଧୀୟ ଗୁଳ୍ମ ଓ ବୃକ୍ଷର ଡାଳପତ୍ର ଘର ଦୁଆର ଏବଂ ଗୁହାଳ ଚାରିପଟେ ପୋତା ଯାଇଥାଏ ।

## ନାମଲେଖା

୨ ବର୍ଷିଆ ବିଏଡ୍, ଏମ୍ଏଡ୍ ଏବଂ ବିଏଚ୍ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ପ୍ରକାଶ ପାଇଛି । ସାମ୍ସ ପୋର୍ଟାଲ୍‌ରେ ପ୍ରକାଶିତ ତାଲିକା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୮୨୫ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି । ନାମଲେଖା ପ୍ରକ୍ରିୟା ଆସନ୍ତା ୧୪ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବା ନେଇ ସମୟସୀମା ଧାର୍ଯ୍ୟ ହୋଇଛି ।

## ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ଆଜି ବିଶ୍ୱ ହାତୀ ଦିବସ ପାଳନ କରାଯାଉଛି । ୨୦୧୧ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଛି । ଆକଳନ ଅନୁଯାୟୀ ଭାରତରେ ଏସୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୨୨ ହଜାର ୪୪୬ ରହିଛି । ଓଡ଼ିଶାରେ ଏହି ସଂଖ୍ୟା ୨ ହଜାରରୁ ଅଧିକ ହେବ ବୋଲି କୁହାଯାଇଛି । ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହି ବୃହଦାକାୟ ତୃଣଭୋଜୀ ପ୍ରାଣୀଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

## ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ରଖିବା ସହ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ

କରାଯାଉଛି । ୧୯୯୯ ମସିହା ଡିସେମ୍ବର ୧୭ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୨୦୦୦ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଏବଂ ଅବଦାନକୁ  ଉତ୍ସାହିତ କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

## ଭୋଟର ତାଲିକା ସଂଶୋଧନ

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ନେଇ ଭଦ୍ରକଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ବୈଠକରେ ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ତାଲିକା ପ୍ରସ୍ତୁତି ଉପରେ ମତ ବିନିମୟ ହୋଇଛି ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।